# ଏକଲା ମୁହୂର୍ତ୍ତ

କିଏ ଜଣେ
ହାତ ଠାରି ଡାକୁଛି
ଗଲାଦିନର ବୟସକୁ
ଆତିଥ୍ୟ ଦେଉଛି
ପର ଭିତର ଗରମରେ
କିପରି ଗଜାମାନ
ପାଉଁଶ ହେଲା
କୁମ୍ଭୀର ପିଠି ପାଣିରେ
କେମିତି ବନ୍ୟା ଆସିଲା
ସବୁ ସଫା ସଫା ବତେଉଛି ।।୧

ଗାଁ ନଈ ତଟେ
କଞ୍ଚା ମାଠିଆ
କେମିତି ଫୁସ୍ କଲା
ମଧୁ ମାଛି
ବଢିଲା ଲତାରୁ କିପରି
ରାଞ୍ଜ କାଢିଲା
ଗୁହାରୀ ମଣିବାରୁ
ଗୋଣ୍ଡିଆ କେମିତି
କନିଏର ଫଳ ଦେଲା
କାନି ଫିଟେଇ ସବୁ କହୁଛି ।।୨

କିଏ ଡାକୁଛି ଯେ
ଇଛା ନ ଥିଲେ ବି
ଆଁଠୁଏ ପାଣିରେ ଗୋଧୋଉଛି
ଫୁଲଙ୍କୁ ଚୁମିଲେ
ଛୁରୀ ଦେଖେଇ ଡରୋଉଛି
ଲଙ୍ଗଳା ପିଲା ଏକୁଟିଆ ପାଇଲେ
ମୁଣା ଭିତରେ ପୁରୋଉଛି

ଏକଲା ଥିଲା ବେଳେ ହିଁ
କିଏ ଜଣେ ଡାକୁଛି   ।।୩

ଦିଗମ୍ବର ପାତ୍ର